ମନସାବ ଅଲି

ବନାମ

ଇରସାନ ଏବଂ ଅନ୍ୟଜଣେ

ଡିସେମ୍ବର 13, 2002

[ଏମ୍. ବି. ଶାହ ଏବଂ ଡି. ଏମ୍. ଧର୍ମାଧିକାରୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973-- ଜାମିନ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନ-- ପ୍ରୟୋଗ-- ଜାମିନ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନର କାରଣ ଅଦାଲତ ଦର୍ଶାଇବେ – କ୍ଷେତ୍ରାଧିକାର ଉପରଠାଉରିଆ କିମ୍ବା ସାହସୀ ଢଙ୍ଗରେ ପ୍ରୟୋଗ କରାଯିବ ନାହିଁ।*

ଉତ୍ତରଦାତା-ଅଭିଯୁକ୍ତ ଆଇପିସି ଧାରା 147, 148 ଏବଂ 149 ସହିତ ପାଠ କରାଯାଇଥିବା ଧାରା 302, 307, 323 ଅନୁଯାୟୀ ଅପରାଧ ପାଇଁ ଅନ୍ୟମାନମାନଙ୍କ ସହିତ ବିଚାରର ସମ୍ମୁଖୀନ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା-ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିଲେ ଏବଂ କେବଳ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ଜାମିନ ପ୍ରଦାନ କରିବା କାହିଁକି ଉପଯୁକ୍ତ ବୋଲି ବିବେଚନା କଲେ ତାହା ଦର୍ଶାଇନଥିଲେ । ତେଣୁ ବର୍ତ୍ତମାନର ଏହି ଆବେଦନ ।

ଏହି ଆବେଦନକୁ ଫଏସଲା କରି ନ୍ୟାୟାଳୟ

ଏହି ନିର୍ଣ୍ଣୟ ନେଇଛନ୍ତି ଯେ: 1.1. ଫୌଜଦାରୀ କାର୍ଯ୍ୟବିଧି ସଂହିତାର ବ୍ୟବସ୍ଥା ଅପରାଧିକ ଅଦାଲତକୁ ବିଚାରାଧୀନ କିମ୍ବା ଦଣ୍ଡବିଧାନ ବିରୁଦ୍ଧରେ ଆବେଦନରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ପାଇଁ ଅଧିକାରିତା ପ୍ରଦାନ କରିଥାଏ । ଯେହେତୁ କ୍ଷେତ୍ରାଧିକାର ଇଚ୍ଛାମୂଳକ, ତେଣୁ ଜଣେ ବ୍ୟକ୍ତିର ସ୍ୱାଧୀନତାର ମୂଲ୍ୟବାନ ଅଧିକାରିତା ଏବଂ ସାଧାରଣ ଭାବରେ ସମାଜର ସ୍ୱାର୍ଥକୁ ସନ୍ତୁଳିତ କରି ଏହାକୁ ଅତ୍ୟନ୍ତ ଯତ୍ନ ଏବଂ ସତର୍କତା ସହିତ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଜାମିନ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନ କରିବା ସମୟରେ, ଅଦାଲତମାନେ ଜାମିନ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନ କରିବାର କାରଣ, ଅତି ସଂକ୍ଷିପ୍ତ ଭାବେ, ସୂଚିତ କରିବା ଆବଶ୍ୟକ । ଏହି କ୍ଷେତ୍ରାଧିକାରକୁ ଏକ ଉପରଠାଉରିଆ ଭାବେ ଏବଂ ସାହସୀ ଢଙ୍ଗରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

1.2. ବର୍ତ୍ତମାନର ମାମଲାରେ, ଉଚ୍ଚ ନ୍ୟାୟାଳୟ ବିଚାରପତି ଅଭିଯୁକ୍ତଙ୍କ ଅଭିଯୋଗର ପ୍ରକୃତି, ଚରିତ୍ର, ଆଚରଣ, ପୂର୍ବବର୍ତ୍ତୀ ଘଟଣା ଏବଂ ସ୍ଥିତି ଭଳି ପ୍ରାସଙ୍ଗିକ ବିଷୟ ଉପରେ ଉପଯୁକ୍ତ ବିଚାର କରିନଥିଲେ, ତେଣୁ ଉଚ୍ଚ ନ୍ୟାୟାଳୟର ଆଦେଶ ନ୍ୟାୟସଙ୍ଗତ ନୁହେଁ ।

1.3. ଯେହେତୁ ଅଭିଯୁକ୍ତଙ୍କୁ ଜାମିନ ଦିଆଯାଇ ଦୌରା ବିଚାର କାର୍ଯ୍ୟାନୁଷ୍ଠାନ ସହିତ ଆଗକୁ ବଢୁଛି ଏବଂ ପ୍ରମାଣର ପ୍ରମୁଖ ଅଂଶକୁ ନଥିଭୁକ୍ତ କରାଯାଇଛି, ଏହି ନ୍ୟାୟାଳୟ ପୋଲିସ୍ କାଗଜପତ୍ର ଏବଂ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଏପର୍ଯ୍ୟନ୍ତ ନଥିଭୁକ୍ତ ହୋଇଥିବା ପ୍ରମାଣକୁ ବିଚାର କରିବା ପ୍ରକ୍ରିୟାରୁ ଦୂରେଇ ରଖି ଜାମିନ ବାତିଲ ପାଇଁ ଅଭିଯୋଗକାରୀଙ୍କ ବର୍ତ୍ତମାନର ଆବେଦନ ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜାମିନ ଜାରି ରଖିବା କିମ୍ବା ଅଭିଯୋଜନ ପକ୍ଷ ଏବଂ ଅଭିଯୁକ୍ତ ଓକିଲଙ୍କ କଥା ଶୁଣିବା ପରେ ଏହାକୁ ବାତିଲ କରିବା, ଏହାକୁ ଦୌରା ବିଚାରପତିଙ୍କ ବିବେକୀ ବିଚାର ଉପରେ ଛାଡ଼ି ଦିଆଯାଇଛି ।

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 1312/2002

ତା 28.11.2001 ରିଖରେ ଉତ୍ତରାଞ୍ଚଳ ଉଚ୍ଚ ନ୍ୟାୟାଳୟଙ୍କ ସିଆରଏଲ. ଏମ୍. ବି. ଏ. ସଂଖ୍ୟା 1043/2001 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି।

ଅଶ୍ୱିନୀ ଗର୍ଗ ଏବଂ ବିଜୟ କୁମାର ଆବେଦନକାରୀଙ୍କ ପାଇଁ।

ସୁଶ୍ରୀ ଅଲକା ଅଗ୍ରୱାଲ, ସୁଶ୍ରୀ ସଙ୍ଗୀତା ଶର୍ମା, ସୁଶ୍ରୀ ଡୋରୋଥି ମାଇକେଲ ଏବଂ ଅଜୟ କେ ଅଗ୍ରୱାଲ ଉତ୍ତରଦାତା ସଂଖ୍ୟା 2 ପାଇଁ।

ଏସ୍. ଏ. ସିଦ୍ଦିକି, ହସନ୍ ଅନ୍ସାର ଏବଂ ଗୁଡୱିଲ୍ ଇଣ୍ଡିଭର୍ ଉତ୍ତରଦାତା ସଂଖ୍ୟା 1 ପାଇଁ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଧର୍ମାଧିକାରୀଙ୍କ** ଦ୍ୱାରା। ଆବେଦନ କରିବା ପାଇଁ ଅନୁମତି ପ୍ରଦାନ କରାଗଲା।

ପକ୍ଷମାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲଙ୍କୁ, ଶେଷରେ ଆବେଦନର ଗୁଣବତ୍ତା ଉପରେ ଶୁଣାଯାଇଛି।

ଭାରତୀୟ ଦଣ୍ଡ ସଂହିତା ଧାରା 147,148 ଏବଂ 149 ସହିତ ପାଠ କରାଯାଉଥିବା ଧାରା 302, 307, 323 ଅନୁଯାୟୀ ଅପରାଧ ପାଇଁ ଅପରାଧ ସଂଖ୍ୟା148/2001ରେ ଅନ୍ୟ ସହ ଅଭିଯୁକ୍ତଙ୍କ ମଧ୍ୟରୁ ଅନ୍ୟମାନଙ୍କ ସହ ବିଚାରର ସମ୍ମୁଖୀନ ହେଉଥିବା ଅଭିଯୁକ୍ତ-ଉତ୍ତରଦାତାଙ୍କୁ, ଉତ୍ତରାଞ୍ଚଳ ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତିଙ୍କ ସଂକ୍ଷିପ୍ତ ଆଦେଶ ଦ୍ୱାରା ଜାମିନ ପ୍ରଦାନ କରାଯିବା ବିରୁଦ୍ଧରେ ଅଭିଯୋଗକାରୀ ଏହି ନ୍ୟାୟାଳୟକୁ ଆସିଛନ୍ତି।

ଫୌଜଦାରୀ କାର୍ଯ୍ୟବିଧି ସଂହିତାର ବ୍ୟବସ୍ଥାଗୁଡ଼ିକ ବିଚାରାଧୀନ କିମ୍ବା ଦଣ୍ଡବିଧାନ ବିରୁଦ୍ଧରେ ଆବେଦନରେ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ କରିବା ପାଇଁ ଅପରାଧିକ ଅଦାଲତକୁ ବିବେକତାର କ୍ଷେତ୍ରାଧିକାର ପ୍ରଦାନ କରିଥାଏ । ଯେହେତୁ କ୍ଷେତ୍ରାଧିକାର ଇଛାମୂଳକ, ତେଣୁ ଜଣେ ବ୍ୟକ୍ତିର ସ୍ୱାଧୀନତାର ମୂଲ୍ୟବାନ ଅଧିକାରିତା ଏବଂ ସାଧାରଣ ଭାବରେ ସମାଜର ସ୍ୱାର୍ଥକୁ ସନ୍ତୁଳିତ କରି ଏହାକୁ ଅତ୍ୟନ୍ତ ଯତ୍ନ ଏବଂ ସତର୍କତା ସହିତ ପ୍ରୟୋଗ କରିବାର ଆବଶ୍ୟକତା ରହିଛି। ଜାମିନ ମଞ୍ଜୁର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବା ସମୟରେ, ଅଦାଲତମାନେ ଜାମିନ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନ କରିବାର କାରଣ, ବୋଧହୁଏ ଅତି ସଂକ୍ଷେପରେ, ସୂଚିତ କରିବା ଆବଶ୍ୟକ । ଯେପରି, ଏହି ମାମଲାରେ ବିଦ୍ୱାନ ବିଚାରପତିଙ୍କ ଦ୍ୱାରା ଏକ ଉପରଠାଉରିଆ ଏବଂ ସାହସୀ ଢଙ୍ଗରେ କାର୍ଯ୍ୟ କରାଯାଇଛି, ସେପରି ଭାବେ କ୍ଷେତ୍ରାଧିକାର ପ୍ରୟୋଗ କରାଯିବା ଉଚିତ ନୁହେଁ।

ଅଭିଯୋଗକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ, ଉତ୍ତରଦାତା-ଅଭିଯୁକ୍ତଙ୍କୁ ଆକ୍ଷେପିତ ଜାମିନ ମଞ୍ଜୁର ଆଦେଶକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି। ଏହା ଉପସ୍ଥାପିତ ହୋଇଛି ଯେ ଉତ୍ତରଦାତା-ଇରସାନ, ଚାରି ଜଣ ସହ ଅପରାଧୀ ବ୍ୟକ୍ତିଙ୍କ ସହ ଆଗତ କରିଥିବା ଫୌଜଦାରୀ ଆବେଦନ ସଂଖ୍ୟା 78/1998 ମାମଲା ବିଚାରାଧୀନ ସମୟରେ ଜାମିନରେ ଥିଲେ । ଜାମିନ ଅବଧି ମଧ୍ୟରେ ସେ ଡକ୍ଟର ଆୟୁବଙ୍କ ହତ୍ୟା ଏବଂ କାୟୁମ୍ ଏବଂ କାଲ୍ଲୁଙ୍କୁ ଆହତ କରିଥିବା

ଅଭିଯୋଗ ହୋଇଛି । ଅପରାଧର ଗମ୍ଭୀରତା ଏବଂ ଅଭିଯୋଗର ପ୍ରକୃତିକୁ ଦୃଷ୍ଟିରେ ରଖି ହରିଦ୍ୱାରର ଦୌରା ବିଚାରପତି 31.10.2001 ରେ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ତା 20.11.2001ରିଖରେ, ବିଦ୍ୱାନ ବିଚାରପତି ତାଙ୍କ ଆଦେଶ ଦ୍ୱାରା ଉତ୍ତରଦାତା-ଇରସାନଙ୍କୁ ଜାମିନ ପ୍ରଦାନ କରିଥିଲେ ଏବଂ କେବଳ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା କାହିଁକି ଉପଯୁକ୍ତ ବୋଲି ସେ ଦର୍ଶାଇ ନାହାଁନ୍ତି । ଆକ୍ଷେପିତ ଆଦେଶରୁ ଏହା ପ୍ରତୀୟମାନ ହେଉନାହିଁ ଯେ ବିଦ୍ୱାନ ବିଚାରପତି ଅଭିଯୋଗର ପ୍ରକୃତି, ଅଭିଯୋଜନ ପକ୍ଷ ଦ୍ୱାରା ସଂଗୃହିତ ପ୍ରମାଣ, ଚରିତ୍ର, ଆଚରଣ, ପୂର୍ବବର୍ତ୍ତୀ ଘଟଣା ଏବଂ ଅଭିଯୁକ୍ତଙ୍କ ସ୍ଥିତି ଭଳି ପ୍ରାସଙ୍ଗିକ ବିଷୟ ଉପରେ ଉପଯୁକ୍ତ ବିଚାର କରିଛନ୍ତି ।

ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆମେ ଅସ୍ୱୀକାର କରୁଛୁ । ଜାମିନ ରଦ୍ଦ କରିବା ପାଇଁ ଅଭିଯୋଗକାରୀଙ୍କ ଅନୁରୋଧକୁ ବିଚାର କରିବା ପାଇଁ ଆମେ ପୋଲିସ୍ କାଗଜପତ୍ର ଏବଂ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଏପର୍ଯ୍ୟନ୍ତ ନଥିଭୁକ୍ତ କରାଯାଇଥିବା ପ୍ରମାଣକୁ ଯାଞ୍ଚ କରିବା ପାଇଁ ମଧ୍ୟ ଆଗ୍ରହୀ ଥିଲୁ, କିନ୍ତୁ ଆମେ ଏପରି କରିବାରୁ ଦୂରେଇ ରହୁଛୁ କାରଣ ଉତ୍ତରଦାତା-ଅଭିଯୁକ୍ତ ଇର୍ସାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ସୂଚନା ଦେଇଛନ୍ତି ଯେ ଯେଉଁ ଦୌରା ବିଚାରରେ ଅଭିଯୁକ୍ତଙ୍କ ଜାମିନ ଦିଆ ଯାଇଥିଲା ତାହା କାର୍ଯ୍ୟାନୁଷ୍ଠାନ ସହିତ ଆଗକୁ ବଢୁଛି ଏବଂ ପ୍ରମାଣର ପ୍ରମୁଖ ଅଂଶକୁ ନଥିଭୁକ୍ତ କରାଯାଇଛି ।

ଉପରୋକ୍ତ ପରିସ୍ଥିତିରେ, ଆମେ ମାମଲାର ବିଚାର କରୁଥିବା ବିଦ୍ୱାନ ଦୌରା ବିଚାରପତିଙ୍କୁ ପୋଲିସ୍ କାଗଜପତ୍ର ଏବଂ ମାମଲାରେ ଏପର୍ଯ୍ୟନ୍ତ ନଥିଭୁକ୍ତ ହୋଇଥିବା ପ୍ରମାଣ ଆଧାରରେ ଜାମିନ ବାତିଲ ପାଇଁ ଅଭିଯୋଗକାରୀଙ୍କ ବର୍ତ୍ତମାନର ଆବେଦନ ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଉଛୁ । ଅଭିଯୋଗ ପକ୍ଷ ଏବଂ ଅଭିଯୁକ୍ତଙ୍କ ଓକିଲଙ୍କ କଥା ଶୁଣିବା ପରେ ଜାମିନ ଜାରି ରଖିବା କିମ୍ବା ଏହାକୁ ବାତିଲ କରିବା ପାଇଁ ଆମେ ଏହାକୁ ବିଦ୍ୱାନ ଦୌରା ବିଚାରପତିଙ୍କ ବିବେକୀ ବିଚାର ଉପରେ ଛାଡ଼ି ଦେଇଛୁ ।

ତେଣୁ ଏହି ଆବେଦନର ଫଏସଲା କରାଗଲା ।

ଏନ୍. ଜେ. ଆବେଦନକୁ ନିକାସ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।